ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/SDTE(OD)/1456/16-3-2021

# ଯାଜପୁର ଆଇଟିଆଇରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର

## ଥର୍ମାଲ କଟିଂ ଏବଂ ୱେଲ୍ଡିଂରେ ଦକ୍ଷତା ବୃଦ୍ଧି ନିମନ୍ତେ ବୃହତ୍ ପଦକ୍ଷେପ

ଭୁବନେଶ୍ୱର, ତା.୧୬/୦୩/୨୦୨୧

ଯାଜପୁରସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ)ରେ ଥର୍ମାଲ କଟିଂ ଏବଂ ୱେଲ୍ଡିଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ । ପ୍ରାୟ ୫.୨୫ କୋଟି ଟଙ୍କା ବ୍ୟୟରେ ଏହି ଉତ୍କର୍ଷ କେନ୍ଦ୍ର ୬ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ । ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ରାଜ୍ୟ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଏବଂ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଆଜି ଏହି ଚୁକ୍ତିନାମାରେ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ରେଘୁ ଜି. ଓ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃର ନିର୍ଦ୍ଦେଶକ (ସେଲସ୍ ଓ ମାର୍କେଟିଂ) ଶ୍ରୀ ଉଦୟ ମୁଖାର୍ଜୀ ସ୍ୱାକ୍ଷର କରିଛନ୍ତି । ଯାଜପୁରର ଏହି ଉତ୍କର୍ଷ କେନ୍ଦ୍ର ନିମନ୍ତେ ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ ପକ୍ଷରୁ ବେରୋଜଗାର ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ପାଇଁ ରହିଥିବା ପାଣ୍ଠି ବିନିଯୋଗ କରାଯିବ ।

ଯାଜପୁର ଶିଳ୍ପ କ୍ଲଷ୍ଟରରେ ଥିବା ସମସ୍ତ ଆବଶ୍ୟକତାକୁ ଉପରୋକ୍ତ ଉତ୍କର୍ଷ କେନ୍ଦ୍ର ପୂରଣ କରିବ ଏବଂ ଥର୍ମାଲ କଟିଂ ତଥା ୱେଲ୍ଡିଂରେ ଉତ୍ତୀର୍ଣ୍ଣ ଆଇଟିଆଇ ବିଦ୍ୟାର୍ଥୀ ତଥା ଡିପ୍ଲୋମା ଇଂଜିନିୟରମାନଙ୍କୁ ଏହି କେନ୍ଦ୍ର ଅପ୍‌ସ୍କିଲ୍ କରାଇବ । ବେଙ୍ଗାଲୁରୁରେ କର୍ଣ୍ଣାଟକ ସରକାରଙ୍କ ସହଯୋଗିତାରେ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ଅନୁରୂପ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଯାଜପୁରର ଏହି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ ଥର୍ମାଲ କଟିଂ ଏବଂ ୱେଲ୍ଡିଂ ବିଭାଗରେ କୌଶଳ ବ୍ୟବଧାନ ଦୂର ହେବା ସହିତ ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ହେବ ଏବଂ ନିଯୁକ୍ତି ସୁଯୋଗ ମିଳିବ । ମେସର କଟିଂ ସିଷ୍ଟମର ପ୍ରଶିକ୍ଷକମାନେ ଏକ ବର୍ଷ ପାଇଁ ତାଲିମ ଦେବେ ଏବଂ ଆଇଟିଆଇ ତଥା ପଲିଟେକ୍‌ନିକ୍‌ର ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଏହି ଉତ୍କର୍ଷ କେନ୍ଦ୍ର ଦ୍ୱାରା ଉପକୃତ ହେବେ । ଏହି ପରିବେଶ ଅନୁକୂଳ ଆଧୁନିକ କର୍ମଶାଳା ବିଭିନ୍ନ ଶିଳ୍ପାନୁଷ୍ଠାନର ଅର୍ଦ୍ଧକୁଶଳୀ କର୍ମଚାରୀମାନଙ୍କୁ ଦକ୍ଷତା ବୃଦ୍ଧି ନିମନ୍ତେ ସାହାଯ୍ୟ କରିବ । ପ୍ରଶିକ୍ଷକମାନଙ୍କୁ ତାଲିମ ଦେବା ପାଇଁ ଆଇଟିଆଇ ଏବଂ ପଲିଟେକ୍‌ନିକ୍‌ର ୧୦ ପ୍ରଶିକ୍ଷଣ ଅଧିକାରୀଙ୍କୁ ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠିତ ଉତ୍କର୍ଷ କେନ୍ଦ୍ର ଅଥବା ନିଜସ୍ୱ ପ୍ଲାଣ୍ଟରେ ଦିଆଯିବ । ପ୍ରଶିକ୍ଷାର୍ଥୀମାନଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ସକାଶେ ବିଭିନ୍ନ ଅତ୍ୟାଧୁନିକ ଅଣବିନାଶକ ଓ ବିନାଶକ ପରୀକ୍ଷଣ ଉପକରଣ ଉପଲବ୍ଧ ହେବ । ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ।

ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଶ୍ରୀ ଅଜୟ ପଣ୍ଡା, ଉପନିର୍ଦ୍ଦେଶକ (ପ୍ରୋକ୍ୟୁରମେଣ୍ଟ) ଶ୍ରୀ ସୁଯୋଗ୍ୟ ମିଶ୍ର, ମେସର କଟିଂ ସିଷ୍ଟମସ୍ ଇଣ୍ଡିଆ ପ୍ରା. ଲିଃର ମହାପ୍ରବନ୍ଧକ ଶ୍ରୀ ପ୍ରଶାନ୍ତ ଚତୁର୍ବେଦୀ ଓ ବିକ୍ରୟ ପ୍ରବନ୍ଧକ ଶ୍ରୀ ଶଙ୍ଖ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରମିଳା ମାଝି
ସୂଚନା ଅଧିକାରୀ